ବୃକ୍ଷାୟୁର୍ବେଦ

ମଞ୍ଜୁଷା ନିବାସୀ ଶ୍ରୀ ବାସୁଦେବ ଷଢ଼ସ୍ୟଙ୍କ

ଦ୍ୱାରା —

ସଂକଳିତ ଓ ପ୍ରକାଶିତ

ବୁହର୍ ଗୈପଣ୍ଡି ଶ୍ରୀ ଗଜପତି ଜୀନଦେବ

ପ୍ରେସରେ ପ୍ରଥମବାରମୁଦ୍ରିତ —

୧୯୦୭ ସାଲ

ମୂଲ୍ୟ ।୯ ୬

ଶ୍ରୀତସ୍ମୈଶ୍ରୀବାଦ୍ୟନମଃ

ବୃକ୍ଷାୟୁର୍ବେଦ

ପ୍ରାନ୍ତଚ୍ଛାୟାବିନିର୍ମୁକ୍ତା ନମନୋଜ୍ଞଜଳାଶୟାଃ
ଯସ୍ମାଦତୋଜଳପ୍ରାନ୍ତେଷ୍ୱାରାମାନ୍ବିନିବେଶୟେତ୍ ।୧

ଜଳାଶୟ ସମୀପରେ ବୃକ୍ଷଗଣ ନଥିଲେ ମନୋହର ହୁଏନାହିଁ ସେହିକାରଣରୁ ଜଳସମୀପରେ ଆରାମକରିବ

ମୃଦ୍ୱୀଭୂଃସର୍ବବୃକ୍ଷାଣାଂ ହିତାତସ୍ୟାଂତିଳାନ୍ବପେତ୍
ପୁଷ୍ପିତାଂସ୍ତାଂଶ୍ଚମୃଦ୍ନୀୟାତ୍କର୍ମୈତତ୍ ପ୍ରଥମଂଭୁବଃ । ୨

କୋମଳଭୂମିରେ ସବୁ ବୃକ୍ଷ ଭଲରୂପରେ ହୁଏ ସେ-ହିଂ ଭୂମିରେ ବର୍ଦ୍ଧିତ କରିବାକୁ ହେବ ପ୍ରଥମରେ ସେହିଭୂମିରେ ତିଳବୁଣିବ-ସେହିତିଳ ଫୁଲହେବାମାତ୍ରେ ଚକଟାଇଦେଇ ପରେବୃକ୍ଷାରୋପଣ କରିବ । ଏହାକୁ ଭୂମିର ପ୍ରଥମ କର୍ମବୋଲାଯାଏ ।

ଅରିଷ୍ଟାଶୋକ ପୁନ୍ନାଗଶିରୀଷାଃସପ୍ରିୟଙ୍ଗବଃ
ମାଙ୍ଗଲ୍ୟାଃପୂର୍ବମାରାମେରୋପଣୀୟାଗୃହେଷୁବା । ୩

ନିମ୍ବ, ଅଶୋକ, ପୁନ୍ନାଗ, ଶିରୀଷ, ପ୍ରିୟଙ୍ଗୁ ଏହିଶୁଭ ବୃକ୍ଷମାନଙ୍କୁ ପ୍ରଥମରେ ଘର ବାଡ଼ିରେ ଅବା ବଗିଚାରେ ରୋପଣ କରିବ

ପନସାଶୋକ କଦଳୀ ଜମ୍ବୁଲକୁଚଦାଡ଼ିମାଃ
ଦ୍ରାକ୍ଷାପାଲୀବତାଶ୍ଚୈବ ବୀଜପୂରାତିମୁକ୍ତକାଃ ୪

ଏତେ ଦ୍ରୁମାଃ କାଣ୍ଡରୋପ୍ୟା ଗୋମୟେନ ପ୍ରଲେପିତାଃ
ମୂଲଚ୍ଛେଦେଽଥବାସ୍କନ୍ଧେ ରୋପଣୀୟାଃ ପ୍ରଯତ୍ନତଃ । ୪ ।

ପନସ, ଅଶୋକ, କଦଳୀ, ଜାମ୍ବୁ, ଯଉଠ, ଦାଡ଼ିମ୍ବ, ଦ୍ରାକ୍ଷା, ଦୁଇଡାଳିଆ, ଟଗର, ଶଡାର୍ଙ୍ଗ, ଏହିବୃକ୍ଷମାନଙ୍କର ଶାଖାକ୍ଷେପଣ କରିଥାଏ ମୂଳଚ୍ଛେଦ ହେବା ଶାଖାରେ ଗୋବର ଲେପି ଯତ୍ନପୂର୍ବକ ରୋପଣ କରିବ । ୪ । ୫ ।

ଅପ୍ରଜାତଶାଖାନ୍ ଶିଶିରେ ଜାତଶାଖାନ୍ ହିମାଗମେ
ବର୍ଷାଗମେ ଚ ସୁସ୍କନ୍ଧାନ୍ ଯଥାଦିକ୍ ପ୍ରତିରୋପୟେତ୍ । ୬

ଶିଶିର ଋତୁରେ ଶାଖା ବାହାରି ନଥିବା ବୃକ୍ଷକୁ ରୋପଣ କରିବ । ଶାଖା ବାହାରିଥିବା ବୃକ୍ଷକୁ ହିମଋତୁରେ ରୋପଣ କରିବ । ଶାଖାରେ ପଲ୍ଲବ ହୋଇଥିବା ବୃକ୍ଷକୁ ବର୍ଷା କାଳରେ ଯଥାଦିଗରେ ରୋପଣ କରିବ

ଘୃତୋଶୀର ତିଲକ୍ଷୌଦ୍ର ବିଡ଼ଙ୍ଗ କ୍ଷୀର ଗୋମୟୈଃ
ଆମୂଳ ସ୍କନ୍ଧଲିପ୍ତାନାଂ ସଂକ୍ରାମଣ ବିରୋପଣଂ । ୭ ।

ଘିଅ, ଉଶିରବେଣା, ରାଶି, ମହୁ, ବିଡ଼ଙ୍ଗ, ଦୁଧ, ଗୋବର ଏହି ଦ୍ରବ୍ୟମାନଙ୍କୁ ବାଟି ମୂଳଠାରୁ ସ୍କନ୍ଧପର୍ଯ୍ୟନ୍ତ ଲେପନକରି ସେହିସ୍ଥାନରୁ ଉଠାଇ ଅନ୍ୟ ସ୍ଥାନରେ ରୋପଣକରିବ ।

ଶୁଚିର୍ଭୂତ୍ୱା ତରୋଃ ପୂଜାଂ କୃତ୍ୱା ସ୍ନାନାନୁଲେପନୈଃ
ରୋପୟେଦ୍ରୋପିତଶ୍ଚୈବ ପତ୍ରୈସ୍ତୈରେବ ଜାୟତେ । ୮

ଗୁଳ୍ମହୋଇ ଘନଅଙ୍କୁରେ ପନଦ୍ୱାରା ବୃକ୍ଷକୁ ପୂଜାକରି.
ରୋପଣକଲେ ଯତ୍ନସହିତ ଗର୍ତ୍ତରେ ଲଗାଏ

ସାଂଧ୍ୟ ଘ୍ରାତସ୍ତୁପର୍ଣ୍ଣାନ୍ୟେ ଶୀତକାଲେ ହତାଙ୍କୁରେ
ବର୍ଷାସୁଚ ଶୁଭଃ ଶୋଷେ ସେକ୍ତବ୍ୟା ରୋପିତାଦ୍ରୁମାଃ ॥ ୯

ଗ୍ରୀଷ୍ମଋତୁରେ ରୋପଣ କରିବା ବୃକ୍ଷକୁ ସାୟଂପ୍ରାତ ଜଳ ସେଚନ କରିବ । ଶୀତ କାଳରେ ରୋପଣ କରିବା ବୃକ୍ଷକୁ ଦିନେଅନ୍ତର ଜଳଦେବ . ବର୍ଷାକାଳରେ ଭୂମି ଶୁଖି ଗଲେ ଜଳଦେବ—

ଜମ୍ବୁବେତ୍ର ସବାନୀର କଦମ୍ବୋଦୁମ୍ବରାର୍ଜ୍ଜୁନାଃ
ବୀଜପୂରକମୃଦ୍ୱୀକାଲକୁଚାଶ୍ଚ ଦାଡ଼ିମାଃ । ୧୦ ।
ବଞ୍ଜୁଳୋଣ୍ଡକ୍ତ ମାଲଶ୍ଚ ତିଲକଃ ପନସସ୍ତଥା
ତିମିରାମ୍ରାତକଶ୍ଚେତି ଷୋଡଶାନୂପଜାଃ ସ୍ମୃତାଃ । ୧୧

ଜାମ୍ବୁ, ବେତସ, ବାନୀର, କଦମ୍ବ, ଡିମିରି, ଅର୍ଜ୍ଜୁନ, ଟେଭ ଦ୍ରାକ୍ଷା, ଲଉଠ, ଦାଡ଼ିମ, ଅଶୋକ, କରଞ୍ଜ, ତିଳକ, ପନସ, ମଞ୍ଜାତି, ଆମ୍ବ, ଏହି ଷୋଡଶ ବୃକ୍ଷମାନେ ଜଳଥିବା ଭୂମିରେ ହୁଅନ୍ତି । ୧୦ । ୧୧ ।

ଉତ୍ତମଂ ବିଂଶତି ହସ୍ତା ମଧ୍ୟମଂ ଷୋଡଶାନ୍ତରଂ
ସ୍ଥାନାତ୍ ସ୍ଥାନାନ୍ତରଂ କାର୍ଯ୍ୟଂ ବୃକ୍ଷାଣାଂ ଦ୍ୱାଦଶାବରଂ । ୧୨

ଏକବୃକ୍ଷର, କୋଡ଼ିଏ ହାତ ଅନ୍ତର . ଦ୍ୱିତୀୟ ବୃକ୍ଷରୋପଣ କଲେ ଉତ୍ତମ ହୁଏ ଷୋହଳ ହାତଅନ୍ତରେ ରୋପଣ

ମିଳେ ମଧ୍ୟମ; ଭାବହାର ଅନ୍ତରରେ ରୋପଣ କଲେ ଅଧମ ହୁଏ ।

ଅଭ୍ୟାସ ଜାତାସ୍ତରବଃ ସଂସ୍ପୃଶନ୍ତ୍ୟପରାସ୍ପରଂ
ମିଶ୍ରୈର୍ମୂଳୈଶ୍ଚ ନ ଫଳଂ ସମ୍ୟଗ୍ଯଚ୍ଛନ୍ତି ପୀଡିତାଃ । ୧୩

ବୃକ୍ଷମାନେ ସମୀପରେ ଜାତହୁଅନ୍ତେ, ଶାଖାମାନେ ମୂଳମାନେ ପରସ୍ପର ସଂଲଗ୍ନ ହୋଇ ରୋଗଜାତକରେ ଫଳ ହୁଏନାହିଁ ।

ଶୀତବାତାତପୈ ରୋଗୋ ଜାୟତେ ପାଣ୍ଡୁପତ୍ରତା
ଅବୃଦ୍ଧିଶ୍ଚ ପ୍ରବାଳାନାଂ ଶାଖାଶୋଷୋ ରସସ୍ରୁତିଃ । ୧୪ ।

ଅତ୍ୟନ୍ତ ଶୀତପବନ ଆତପ ଏମାନଙ୍କଦ୍ୱାରା ବୃକ୍ଷମାନଙ୍କର ପତ୍ର ଶୁଖି ରୋଗ ଜାତକରେ ପଲ୍ଲବ ନ ବଢ଼ାଇ, ଶାଖାମାନେ ଶୁଖି ରସ ସ୍ରବହୁଏ ।

ଚିକିତ୍ସିତମଥୈତେଷାଂ ଶସ୍ତ୍ରେଣାଦୌ ବିଶୋଧନଂ
ବିଡଙ୍ଗଘୃତପଙ୍କାକ୍ତାନ୍ ସେଚୟେତ୍କ୍ଷୀରବାରିଣା । ୧୫

ରୋଗଯୁକ୍ତ ହେବା ବୃକ୍ଷର ଶୁଖିବା ଅଙ୍ଗ, ଶାଖାମାନଙ୍କୁ ଅସ୍ତ୍ରଯନ୍ତ୍ର କାଟି ଭଙ୍ଗରେ ବାବୃ, ବିଡଙ୍ଗ, ଘୃତ, ପଙ୍କ, ଏହି ଦ୍ରବ୍ୟମାନଙ୍କୁ ବାଟି ଲେପନକରିବା ଶାଖାରେ ଲେପନ କରି ପଛରେ କ୍ଷୀର ସହିତ ଜଳସେଚନ କରିବ

ଫଳନାଶେ କୁଳତ୍ଥୈଶ୍ଚ ମାଷୈର୍ମୁଦ୍ଗୈସ୍ତିଲୈର୍ଯବୈଃ
ଶୃତଶୀତପୟଃସେକଃ ଫଳପୁଷ୍ପାଭିବୃଦ୍ଧୟେ ।

ବୃକ୍ଷମାନଙ୍କ ଫଳ ପୁଷ୍ପ ଅଭିବୃଦ୍ଧି ନିମନ୍ତେ ଭୁଲଥା, ଯବ, ମୁଗ, ଘଣ୍ଟଧାନ୍ୟ, ତଳ, ଏହି ପଦାର୍ଥମାନଙ୍କୁ କ୍ଷୀରରେ ସିଦ୍ଧ କରି ଥଣ୍ଡା କରି ବୃକ୍ଷମାନଙ୍କରେ ସେଚନ କଲେ ଫଳପୁଷ୍ପ ଅଭିବୃଦ୍ଧି ହୁଏ ।

ଅବିକାଜ ଶକୃଚ୍ଚୂର୍ଣ୍ଣ ସ୍ୟାଢକେଦ୍ୱେତିଳାଢକଂ
ସକ୍ତୁପ୍ରସ୍ଥୋଜଳଦ୍ରୋଣୋ ଗୋମାଂସତୁଲୟାନ୍ୱିତଃ । ୧୭
ସପ୍ତରାତ୍ରୋଷିତୈରେତୈଃ ସେକଃକାର୍ଯ୍ୟୋ ବନସ୍ପତେଃ
ବଲ୍ଲୀଗୁଳ୍ମଲତାନାଂ ଚ ଫଳପୁଷ୍ପାୟ ସର୍ବଦା । ୧୮ ।

ଛେଳିଲଣ୍ଡ ଦୁଇଢ଼, ମେଣ୍ଢାଲଣ୍ଡ ଦୁଇଢ଼, ମଳ ଦୁଇ ଅଢ଼କ, ତିଳି ଏକ ଅଢ଼କ ସତ୍ତୁ ଏକପ୍ରସ୍ଥ ଜଳ ଏକଦ୍ରୋଣ ଗୋମାଂସ ଏକତୋଳା ଏହି ସବୁଦ୍ରବ୍ୟରୁ ଏକପାତ୍ରରେ ସାତ ଦିନ ଭିଜାଇ ପକ୍କେ ଲତା, ବୃକ୍ଷ, ଗୁଳ୍ମ ଏମାନଙ୍କୁ ସେଚନ କଲେ ସର୍ବଦା ଫଳପୁଷ୍ପ ହୁଏ

ଷଷ୍ଠିକାଦଶହୁଷ୍କ ସ୍ଥିରତଂ ବୀଜମାଙ୍ଗ୍ୟସ୍ଥିତହସ୍ତ୍ରଯୋବ୍ରତଂ
ଗୋମଦେନ ଦଦତ୍ତୁସୋଦରଶ୍ରିତଂ ଫୋତମାଷପିଷ୍ଟିଦେଶ୍ଚ୍ୟ ପିଶ
ମାଂସସ୍ନ୍ତକବ ଦୃଷ୍ଟାସନକୃତଂ ଗ୍ରୋପିତଂ ଉପଉନ୍ନତି ପାବତୌ
କ୍ଷୀରସଂପ୍ରୁତକଲା ବହ୍ନିସେବିତଂ ତାପ୍ରେ ଭୁସୁମ୍ୟସ୍ତୁ ମେବଚଭୁ

କୌଣସି ବୃକ୍ଷର ବୀଜରୁ ହଜାର ଲଗାଇ ଦୁଧରେ ପକାଇବ ପରେ ଦଶହୁରୁ ବାହାର କରି ରଖିବ ଏହିପ୍ରକାରେ ଦଶଦିନ ଦର ଭିଜାଇ ଗୋବର ଧୂଳ ଅନେକ ବାଳ ଲଗାଇ ବନ୍ଧନ ... ମାଂସ ଧୂପ ଦେବ

ପୁନରପି ବସ୍ତ୍ରମାଂସ ଓ ବୃଷଭଛାଗ ପ୍ରେଷଣକଲେ ଖୀର ଜଳସେଚନକଲେ ଶୀଘ୍ର ଫଳସହିତଗଛହୋଇଥାଏ ।

ଜନ୍ତୁଖୀଦ୍ୟପିକ୍ଷୋତବହ୍ନାଂବ୍ରୁହମାଷଡଲଚୂର୍ଣ୍ଣିଗର୍ଭୂତଃ
ଫଳାଂସବହ୍ନଭିଷ୍ଟସେଚିତା ଧୂପିତାଚ ଯଜଂହାଲଦ୍ରୁମା

ଧାନ, ବୁଷ, ରାଶି ଏହାର ବ୍ୟସ୍ତକୁ ଚୂର୍ଣ୍ଣକରି ସେଥିରେ ଜଳ ଅପଚବା ମାଂସ ମିଶାଇ ଧୂପକରିବ ତାହାର ଜଳ ସେଚନକରିବ ଏହାବ୍ୟତୀତ ଧୂପଦେଇ ପ୍ରେଷଣକଲେ ଜମ୍ବୁଳ ମଧ୍ୟ ଫଳଥାଏ ।

କପିଥବଲ୍ଲୀକରଣାୟ ମୂଳାନ୍ୟାସ୍ଫୋତଧାତ୍ରୀଧବବାସିକାନାଂ
ପଲାଶିନୀବେତସସୂର୍ଯ୍ୟବଲ୍ଲୀଶ୍ୟାମାତିମୁକ୍ତୈଃସହିତାଷ୍ଟମୂଳୀ । ୨୨
କ୍ଷୀରେଶୃତେଚାପ୍ୟନୟାସୁଶୀତେତାଳାଶତଂସ୍ଥାପ୍ୟକପିଥବୀଜଂ
ଦିନେଦିନେଶୋଷିତମର୍କପାଦୈର୍ମାସଂବିଧିସ୍ତେନତତୋଽଧିରୋପ୍ୟ
ହସ୍ତାୟତଂତଦ୍ଦ୍ୱିଗୁଣଂଗଭୀରଂଖାତ୍ୱାବଟଂପ୍ରୋକ୍ତଜଳାବପୂର୍ଣ୍ଣଂ
ଶୁଷ୍କଂପ୍ରଦଗ୍ଧଂମଧୁସର୍ପିଷାତତ୍ପ୍ରଲେପୟେଦ୍ଭସ୍ମସମନ୍ୱିତେନ
ଚୂର୍ଣ୍ଣୀକୃତୈର୍ମାଷତିଳୈର୍ୟବୈଶ୍ଚପ୍ରପୂରୟେନ୍ମୃତ୍ତିକୟାନ୍ତରସ୍ଥୈଃ
ମତ୍ସ୍ୟାମିଷାମ୍ଭଃସହିତଂଚହନ୍ୟାଦ୍ୟାବଦ୍ଘନତ୍ୱଂସମୁପାଗତଂତତ୍
ଉପ୍ତଂଚବୀଜଂଚତୁରଙ୍ଗୁଳାଧୋମତ୍ସ୍ୟାମ୍ଭସାମାଂସଜଳୈଶ୍ଚସିକ୍ତଂ
ବଲ୍ଲୀଭବତ୍ୟାଶୁଶୁଭପ୍ରବାଳାବିସ୍ମାପନୀମଣ୍ଡପମାବୃଣୋତି

ବୈଠକଘର ଛାଇବାକୁ ଇଚ୍ଛାହେଲେ ବୈଠକଘର ଅଥବ ମଣ୍ଡପାଦି, ଅଁଳାପଦ୍ମଫଳ ଦ୍ରବ୍ୟସ୍, ଧବଟଙ୍କ, ବାଂସ,

ପଲାଶିନୀ, ଧୂର୍ମୁଖୀ, ଲତାକସ୍ତୁରୀ, ମାଂସୀ, ଏହି ଅଠ ବୃକ୍ଷଙ୍କଠାରୁ ଅଣିହୃଦରେ ସିଞ୍ଚାଇ ଅଶ୍ୱାରୋହଣ ଶୁଦ୍ଧରେ ଏହିବାଳକ ପକାଇ ସହେ ହରତାଳପର୍ଯ୍ୟନ୍ତେ ରକ୍ଷିବାହାର କରି ସୁଖାଇବ ଏହିପରି ଏକମାସ କାଳଉତ୍ତାରୁ ସେପଣ କରିବ ସେପଣ କରିବାସ୍ଥାନର ନଷ୍ଟ ଏକାହାତ ଓସର ହୁଇହାତଗଭୀର ଗର୍ତ୍ତ ଖୋଲି ତହିଁରେ କ୍ଷୀରମିଶ୍ରିତଜଳ ଭର୍ତ୍ତିକରିବ ସେ ଜଳ ଶୁଖିଲା ଉତ୍ତାରୁ ଗାଭରୁଦ୍ରପାତ୍ରଙ୍କ ମନ୍ତ୍ର, ଓଁଅ ସହିତ ଗାଟରେ ଥିବାଭେସ୍କୁ ଗାଛର ତାର ପାର୍ଶ୍ୱରେ ଲେପିବ ପ୍ରଥମେ ତାର ଅଙ୍ଗୁଳମୃତ୍ତିକା ଦେଇ ପରେ ବାଲି, ସ୍ତ୍ରୀଶି, ଯବଧାନ, ଏହିବଳ୍ମୀକମୃତ୍ତିକା ସହିତରେ ଭର୍ତ୍ତିକରି ମାଛମାଂସଜଳ ସେଚନ କରିବ ପରେ ସିଦ୍ଧକ୍ଷେତ୍ରାବେଷ୍ଟିତମୃତ୍ତିକାରୁ ତାର ଅଙ୍ଗୁଳି ଗହ୍ୱରରେ ରୋପଣକରି ପରେ ମାଂସଜଳସେଚନକଲେ ଶୀଘ୍ର ପତ୍ର ସଞ୍ଚଳିତାହୋଇ ମଣ୍ଡପରେ ମାଳକନମାନଙ୍କର ହସ୍ତସ୍ପୃ ଛାତକରେ । ୧୨ । ୧୩ । ୧୪ । ୧୫ । ୧୬ ।

ଶତଶୋଽଙ୍କୋଲସମ୍ପୂର୍ଣ୍ଣଂ ଫଳଙ୍କଲେନ୍ନବାହନଂ
ଏରଣ୍ଡୈର୍ଲେଲିବାଳୀଢ଼ଂ ଶ୍ରେଷ୍ଠାତଙ୍କ ଫଳେନବା
ବ୍ୟାପିତଂ କଭିକୋନ୍ମୁଣ୍ଣ ମୃଦ୍ଧତାସ୍ଫଣେତନ୍ମୁଙ୍କଂ
ଫଳଭୂଗ ନଭାସାଗା ଭବତୀତ୍ୟେମଭ୍ରତଂ

ଅଙ୍କୋଲ, ସିଦ୍ଧାଫଳ, ଏହିଦୁଇଦ୍ରବ୍ୟର ଫଳକୁଣ୍ଡରେ ଥିବା ବୀଜର ତେଲ୍ ଅବା ଡେର୍ବୋଟ ଭାବନାଦେବ ପରେ

ସିକତା ମିଶ୍ରିତ ମୃତ୍ତିକାରେ ରୋପଣ କଲେ ତକ୍ଷଣେ
ଅଙ୍କୁରିତ ହୋଇ ଫଳ ପ୍ରସବ କରିବା ଯୋଗ୍ୟ ହେବ । ୨୭ । ୨୮ ।

ଶେଲୁ ଶ୍ଲେଷ୍ମାତକସ୍ୟ ପାଟଳାଜମ୍ବୁଲୀ ଜମ୍ବ୍ୱାଦ୍ରୋପ୍ରାଙ୍ଗଃ
ଅଙ୍କୋଲବାହ୍ଲାରିଶ୍ଚାପ୍ୟାଂ ସପ୍ତବୃନ୍ଦିକାଂ । ୨୯ ।

ମହୁଣ ଗୋମସ୍ଥା ପୃଷ୍ଠାଜ୍ୟସ୍ୟ କଣ୍ଟକେଷେତଭାନ ତଞ୍ଚିପ୍ୟ
ବଦରକାହ୍ଲଳ ମୃଦ୍ଭୋଗେ ମୂପୃଭଜ୍ୟହା ଫଳବସ୍ତି । [illegible]

ସ୍ତ୍ରାପଳମଙ୍କି ଅଙ୍କୁଲବାର୍ତ୍ତି ଏବଂ ଫଳରବସ, ଏଥିରେ
ସାତଥର ବିବଦାବେଇ ଶସ୍ୟରେ ସ୍ଥଗାଉବ ମହୁଣ ଗୋ-
ବର କାଲଗାଇ ପୁଣିଲ୍ଲ ଘଷିରେ ରଖିବ – କରକଟଭ
ମିଶିଥିବା ମୃତ୍ତିକାରେ ବୀଜ ରୋପଣକଲେ ଏକ ଦଳରେ
ଅଙ୍କୁରିତ ହୋଇ ଫଳିବ — । ୨୯ । [illegible] ।

ଥିବମ୍ବୁ ହୂମୂଲଣ୍ଡୋଗୋଶ୍ୱଲୁବାଂଶ୍ରବଣସ୍ତଥା ଫଲ୍ଗୁନି କାହସ୍ତଂ
ଉତ୍ତ୍ରାରଦ୍ରବ୍ୟଦ୍ବୃଷ୍ଟି ଯାଦପସଂ ରୋପଣେହ୍ରାତ । [illegible] ।

ଉତ୍ତରଫାଲ୍ଗୁନୀ ଉତ୍ତରଷାଢ଼ା ଉତ୍ତରଭାଦ୍ର ରୋହଣୀ
ମୃଗଶିରା ରେବତୀ ଚିତ୍ରା ଅନୁରାଧା, ମୂଳା, ବିଶାଖା,
ପୁଷ୍ୟା, ଶ୍ରବଣା, ଅଶ୍ୱିନୀ, ହସ୍ତା, ଏହି ନକ୍ଷତ୍ର ମାନଙ୍କରେ
ବୃକ୍ଷ ରୋପଣ କରିବାକୁ ମୁନିମାନେ କହିଅଛନ୍ତି—

ଇତି ଶ୍ରୀ ବର୍ଦ୍ଧମାନକୃତେ ବୃହତ୍ସଂହିତାୟାଂ ବୃକ୍ଷାୟୁର୍ବେଦୋ ସମାପ୍ତଃ

ଭାଷାନୁବାଦ

କୁସୁମଲତାପ୍ରାରମ୍ଭଃ

ଫଲ କୁସୁମସଂସ୍ତବୃଦ୍ଧିଂ ବନସ୍ପତୀନାଂ ବଲୋକ୍ୟବଜ୍ଞେୟଂ
ସୁଲଭତ୍ୱଂ ଦ୍ରବ୍ୟାଣାଂ ନିଷ୍ପତ୍ତିଶ୍ଚାପିସସ୍ୟାନାଂ । ୧ ।

ବୃକ୍ଷମାନଙ୍କର ଫଲଫୁଲବୃଦ୍ଧି ଦେଖି ଦ୍ରବ୍ୟ, ଖେତ, ଏମାନଙ୍କର ସୁଲଭ ନିଷ୍ପତ୍ତି ଜାଣିବ

ଶାଲେନକଲମଶାଲୀ ରକ୍ତାଶୋକେନ ରକ୍ତଶାଲିଶ୍ଚ
ପାଣ୍ଡୂକଃକ୍ଷୀରିକଯା ନୀଲାଶୋକେନ ସୂକରକଃ । ୨ ।

ଶାଳବୃକ୍ଷର ଫଲଫୁଲ ବୃଦ୍ଧି ହେଲେ କଳମଶାଳୀ ଧାନ ବୃଦ୍ଧି ହୁଏ, ରକ୍ତାଶୋକ ଫୁଲଫଳ ବୃଦ୍ଧିରେ ରକ୍ତଶାଳୀଧାନ ବୃଦ୍ଧି ହୁଏ, କ୍ଷୀରକୋଳି ବୃଦ୍ଧିରେ ପାଣ୍ଡୁର ବର୍ଣ୍ଣ ଧାନବୃଦ୍ଧି ହୁଏ, ନୀଳାଶୋକ ବୃଦ୍ଧିରେ, ଶୁକ୍ଳଥିବା ଧାନବୃଦ୍ଧି ହୁଏ

ନ୍ୟଗ୍ରୋଧେନତୁଯବକସ୍ତିନ୍ଦୁକବୃଦ୍ଧ୍ୟାଚଷଷ୍ଟିକୋଭବତି
ଅଶ୍ୱତ୍ଥେନଜ୍ଞେୟା ନିଷ୍ପତ୍ତିଃ ସର୍ବସସ୍ୟାନାଂ । ୩ ।

ବଟବୃକ୍ଷର ଫଲପୁଷ୍ପ ବୃଦ୍ଧି ହେଲେ ଯବଧାନ ବୃଦ୍ଧି ହୁଏ କେନ୍ଦୁ ଗଛର ଫଲଫୁଲ ବୃଦ୍ଧି ହେଲେ ସାଠିକାଧାନ ବୃଦ୍ଧି ହୁଏ ଅଶ୍ୱତ୍ଥ ବୃକ୍ଷର ଫଲଫୁଲ ବୃଦ୍ଧି ହେଲେ ସମସ୍ତ ଶସ୍ୟମାନେ ବୃଦ୍ଧି ହୁଅନ୍ତି ।

ଜମ୍ବୂଭିସ୍ତିଲମାଷାଃ ଶିରୀଷ ବୃକ୍ଷାଚ୍ଚ କଙ୍ଗୁନିଷ୍ପତ୍ତିଃ
ଗୋଧୂମାଶ୍ଚ ମଧୂକୈର୍ଯବବୃଦ୍ଧିଃ ସପ୍ତପର୍ଣ୍ଣେନ । ୪ ।

ଜାମ୍ବୁଫୁଲ ଫଳବିଶେଷ ହେଲେ ତିଳି ବିରି, ବିଶେଷ ହୁଏ ଶିରୀଷ ଫଳପୁଷ୍ପ ବୃଦ୍ଧିରେ କାଙ୍ଗୁବିଶେଷ ହୁଏ ମହୁଲ ଫଳପୁଷ୍ପ ବିଶେଷହେଲେ ଗହମ ବିଶେଷହୁଏ ସପ୍ତପର୍ଣ୍ଣିଫଳପୁଷ୍ପ ବୃଦ୍ଧି ହେଲେ ଯବଧାନ ବିଶେଷ ହୁଏ

ଅତିମୁକ୍ତକକୁନ୍ଦାଭ୍ୟାଂ କର୍ପାସଂ ସର୍ଷପାନ୍ ବଦେଦ୍ବକୁଳୈଃ
ବଦରୀଭିଶ୍ଚ କୁଲତ୍ଥଂ ଚିରବିଲ୍ୱେନାଧିଶେଷ ମୁଦ୍ଗାନ୍ । ୫ ।

ମାଧବୀପୁଷ୍ପ କୁନ୍ଦପୁଷ୍ପ ବିଶେଷ ହେଲେ କପାବହୁତ ହୁଏ ପିଶ୍ୱାସାଳଫଳ ଫୁଲ ବିଶେଷ ହେଲେ ସୋରିଷ ବହୁତ ବରକୋଳି ବିଶେଷହେଲେ କୁଳଥ ବିଶେଷହୁଏ ଚିରନ୍ତ୍ରଫଳ ବୃଦ୍ଧିହେଲେ ମୁଗବିଶେଷହୁଏ ।

ଅତସୀବେତସପୁଷ୍ପୈଃ ପଲାଶକୁସୁମୈଶ୍ଚ କୋଦ୍ରବା ଜ୍ଞେୟାଃ
ସ୍ଥଳକମଳଶଂଖମୌକ୍ତିକରଜତାନ୍ୟଥ ରେଙ୍ଗୁଦେନ ଶଣଃ । ୬

ଧବକୁସୁମ ବେତସକୁସୁମ ପଲାଶକୁସୁମ ବିଶେଷ ହେଲେ କୋଦ ବିଶେଷହୁଏ ସ୍ଥଳକଫୁଲ ବିଶେଷହେଲେ ଶଙ୍ଖ ମୁକ୍ତା ରୁପା ବିଶେଷ ଅଧିକହୁଏ ।
ଇଙ୍ଗୁଦୀଥ ଫଳଫୁଲ ବିଶେଷହେଲେ ଛଣ ବିଶେଷହୁଏ

ଦ୍ୱିପଗଣଶ୍ଚହସ୍ତି କର୍ଣ୍ଣୈର୍ବାଦେଶ୍ୟାବନକନୋତ୍ପଳବର୍ଣ୍ଣେନ

ଗାବୃକ୍ଷପାଟଲାଦ୍ୟୈଃ କଦଳୀଭିରଙ୍ଗାବନ୍ଦବନ୍ତ । ୭ ।
ଗଣ୍ଡ୍ରୀ ବୃକ୍ଷମାନେ ବୃଦ୍ଧି ହେଲେ ହାତ ବିଶେଷହୁଅନ୍ତି ।
ଶିଖଲତା ବୃଦ୍ଧିହେଲେ ଘୋଡ଼ା ବିଶେଷହୁଅନ୍ତି ପାଟ-
ଳୀବୃକ୍ଷ ବିଶେଷହେଲେ ଗାଈବିଶେଷ ହୁଅନ୍ତି କଦଳୀ
ବୃଦ୍ଧିହେଲେ ଛେଳିବିଶେଷ ହୁଅନ୍ତି ।

ଚମ୍ପକକୁସୁମୈଃକନକଂବିଦ୍ରୁମସଂପଚ୍ଚବନ୍ଧୁଙ୍କେନ
କୁରବକବୃଦ୍ଧ୍ୟାବକ୍ତ୍ରଂବୈଡୂର୍ଯ୍ୟଂନନ୍ଦକାବର୍ତ୍ତୈଃ । ୮ ।

ଚମ୍ପକ କୁସୁମବୃଦ୍ଧି ହେଲେ ସ୍ୱର୍ଣ୍ଣ ବିଶେଷହୁଏ ବନ୍ଧୁଲି
ଫୁଲବିଶେଷ ହେଲେ ପ୍ରବାଳ ବିଶେଷହୁଏ କୁରୁବେଇ
ଫୁଲ ବିଶେଷହେଲେ ହୀରା ବିଶେଷହୁଏ ।
ନନ୍ଦକାବର୍ତ୍ତ ଫୁଲ ବିଶେଷହେଲେ ବୈଦୂର୍ଯ୍ୟ ବିଶେଷହୁଏ

ବନ୍ଧ୍ୟାଚସିନ୍ଧୁବାରେଣମୌକ୍ତିକଂକାକୁନ୍ଦକୁସୁମେନ
ରକ୍ତୋତ୍ପଳେନରାଜାମନ୍ତ୍ରୀନୀଳୋତ୍ପଳେନୋକ୍ତଃ । ୯ ।

ସିନ୍ଧୁବାରବୃକ୍ଷ ବିଶେଷହେଲେ ମୁକ୍ତା ବିଶେଷ ଜାତହୁଏ
କୁସୁମବୃକ୍ଷ ବିଶେଷ ହେଲେ ଶୈଳୀକାର ବିଶେଷ ହୁଅନ୍ତି
ରକ୍ତୋତ୍ପଳ ବିଶେଷହେଲେ ରାଜାମାନେ ବିଶେଷହୁଅନ୍ତି
ନୀଳୋତ୍ପଳ ବିଶେଷହେଲେ ମନ୍ତ୍ରୀମାନେ ବୃଦ୍ଧିହୁଅନ୍ତି

ଶ୍ରେଷ୍ଠୀସୁବର୍ଣ୍ଣପୁଷ୍ପୈଃପଦ୍ମୈର୍ବିପ୍ରାଃପୁରୋହିତାଃକୁମୁଦୈଃ
ସୌଗନ୍ଧିକେନବଳପତିରର୍କେଣହିରଣ୍ୟପରିବୃଦ୍ଧିଃ । ୧୦

ନାଗେଶ୍ବର ପୁଷ୍ପ ବିଶେଷ ହେଲେ, ଶ୍ରେଷ୍ଠଜନ ମାନେ ବୃଦ୍ଧି ହୁଅନ୍ତି ବିଶେଷ ପଦ୍ମ ହେଲେ, ବ୍ରାହ୍ମଣମାନେ ବୃଦ୍ଧି ହୁଅନ୍ତି, କୈରବପୁଷ୍ପ ବିଶେଷହେଲେ, ପୁରୋହିତ ମାନେ ବୃଦ୍ଧି ହୁଅନ୍ତି, ସୁଗନ୍ଧ ପୁଷ୍ପ ବିଶେଷ ହେଲେ ସେନାପତି ମାନେ ବୃଦ୍ଧି ହୁଅନ୍ତି । ଅର୍କ ପୁଷ୍ପ ବିଶେଷ ହେଲେ ସୁବର୍ଣ୍ଣ ବିଶେଷ ହୁଏ

ଅମ୍ରୈଃକ୍ଷେମଂଭଲ୍ଲାତକୈର୍ଭୟଂପୀଲୁଭିସ୍ତଥାରୋଗ୍ୟଂ
ଖଦିରଶମୀଭ୍ୟାଂଦୁର୍ଭିକ୍ଷମର୍ଜୁନୈଃଶୋଭନାବୃଷ୍ଟିଃ । ୧୧ ।

ଅମ୍ବ ବୃଦ୍ଧି ହେଲେ ମଙ୍ଗଳହୁଏ, ଭାଲିଆ ବୃଦ୍ଧିହେଲେ ଭୟହୁଏ, ଲଉଡ଼ାଙ୍କରଡ଼ା ବୃଦ୍ଧି ହେଲେ, ଆରୋଗ୍ୟ ହୁଏ ଖଇର, ଶମୀ, ବୃଦ୍ଧିହେଲେ ଦୁର୍ଭିକ୍ଷହୁଏ ଅର୍ଜୁନ ବୃଦ୍ଧିହେଲେ ଉତ୍ତମ ବୃଷ୍ଟି ହୁଏ,

ପିଚୁମନ୍ଦ ନାଗକୁସୁମୈଃ ସୁଭିକ୍ଷମଥ ମାରୁତଃ
କପିଥେନ କୁଚଲୋନା ବୃଷ୍ଟିଭୟଂ ବ୍ୟାଧିଭୟଂ
ଭବତି କୁଟଜେନ । ୧୨ ।

ଲିମ୍ବବୃକ୍ଷ ବୃଦ୍ଧିହେଲେ ନାଗକେଶ୍ବର ଫୁଲ ବିଶେଷ ହେଲେ ସୁଭିକ୍ଷହୁଏ କୈଠ ବିଶେଷ ହେଲେ ପବନ, ହୁଏ ଛନ୍ଦେଇ ବିଶେଷ ହେଲେ ଅନାବୃଷ୍ଟି ହୁଏ, କୁଡ଼ି ବିଶେଷ ହେଲେ ରୋଗଭୟହୁଏ ।

ଦୂର୍ବାକୁଶ କୁସୁମାଭ୍ୟାମିକ୍ଷୁର୍ବହ୍ନିଶ୍ଚ କୋବିଦାରେଣ
ଶ୍ୟାମଲତାଭିବୃଦ୍ଧ୍ୟାବନ୍ଧକ୍ୟୋବୃଦ୍ଧିମାୟାନ୍ତି । ୧୩ ।

ଦୂର୍ବା କୁଶ ପୁଷ୍ପବିଶେଷ ହେଲେ ଅଗ୍ନି ବିଶେଷହୁଏ କର୍ଣ୍ଣିକବୃକ୍ଷ ବିଶେଷ ହେଲେ ଅଗ୍ନିଭୟହୁଏ ଶ୍ୟାମାଲତା ବିଶେଷ ହେଲେ ବ୍ୟଭିଚାରିଣୀ ସ୍ତ୍ରୀମାନେ ଦୃଷ୍ଟିହୁଅନ୍ତି

ଯସ୍ମିନ୍କାଳେସ୍ମିନ୍ ସ୍ନିଗ୍ଧନିଶ୍ଛିଦ୍ରପତ୍ରାଃସଂଦୃଶ୍ୟନ୍ତେବୃକ୍ଷ
ଗୁଲ୍ମାଲତାଶ୍ଚ ତସ୍ମିନ୍ବୃଷ୍ଟିଃ ଶୋଭନାସଂ ପ୍ରଦିଷ୍ଟା
ରୂକ୍ଷୈଶ୍ଛିଦ୍ରୈରଳ୍ପମମ୍ଭଃପ୍ରଦିଷ୍ଟଂ । ୧୪ ।

ଯେଉଁକାଳରେ ବୃକ୍ଷଗୁଲ୍ମଲତା ଏମାନଙ୍କର ପତ୍ରସ୍ନିଗ୍ଧନିଶ୍ଛିଦ୍ର ଚିକ୍କଣହୋଇ ଦୃଷ୍ଟିହୁଏ ସେହିକାଳରେ ବୃଷ୍ଟିହେବବୋଲି ଜାଣିବ ପତ୍ରଛିଦ୍ର ରୁକ୍ଷଦିଶିଲେ ଅଳ୍ପବର୍ଷା ହେବ ବୋଲି ଜାଣିବ ।

ଶ୍ରୀବରାହ ମିହିର କୃତୌ ବୃହତ୍ସଂହିତାୟାଂ କୁସୁମ
ଲତାଧ୍ୟାୟୋ ସମାପ୍ତଃ

ସନ୍ଧ୍ୟାଲକ୍ଷଣ

ବୃଶ୍ଚିକବୃଷପ୍ରବେଶେ ଭାନୋର୍ଯେ ବାଦରାୟଣେ [illegible]
ନୋକ୍ତାଃ ଗ୍ରୀଷ୍ମଶର ସ୍ୟସ୍ୟାନାଂ ସଦସଦ୍ [illegible]
କୃତାସ୍ତଦହଂ ୧ ।।

ସୂର୍ଯ୍ୟ ବୃଶ୍ଚିକ ରାଶିରେ ଯେଉଁଦିନ [illegible] ସେହିଦିନ ବୃଶ୍ଚିକଲଗ୍ନ କଳ୍ପନାକରି [illegible] ନାକର ଗ୍ରୀଷ୍ମରୁତୁ ସମ୍ବନ୍ଧ [illegible] ମାନଙ୍କର ଭଲ ଅସାର ଜାଣିବ [illegible]

ଯେଉଁ ଦିନ ପ୍ରବେଶ ହେବେ ସେହି ଦିନ ବୃଷଲଗ୍ନ ସ୍ଥିର କରି ଗ୍ରହମାନଙ୍କୁ ସ୍ଥାପନା କରି ଯେଉଁ ଗୁରୁସମ୍ବନ୍ଧ ଥାଏ ଅଟ ଶସ୍ୟ ମାନଙ୍କର ଶୁଭ ଅଶୁଭ ଯୋଗବାଦସ୍ୱରୂପ ମୁନି ଯାହା କହିଥିଲେ ସେହି ଦଶଶ୍ଳୋକ ମୁଁ ଏହି ପୁସ୍ତକରେ ଲେଖୁଅଛି ।

ଘଟୋଦରଲ ପ୍ରବେଶେ ଚେଦ୍ବେଦ୍ଦ୍ରିସ୍ତୁପା ସ୍ଥଭଗାଂତା
ହ୍ନାନ୍ତ୍ରୈଃ ବଳବଦ୍ଭିଃ ସୌମ୍ୟୈ କାନ୍ଦସ୍ଥିତୈର୍ଗ୍ରେ
ସ୍ତିର୍ବୃଦ୍ଧିଃ । ୧ ।

ବୃଶ୍ଚିକ ରାଶିରୁ ସୂର୍ଯ୍ୟ ଯେଉଁ ଦିନକୁ ହେବେ ସେଦିନ କେନ୍ଦ୍ରରେ ଶୁଭଗ୍ରହ ଥିବେ କୋହରେ ବଳବାନ ହୋଇ ଶୁଭଗ୍ରହ ସୂର୍ଯ୍ୟଙ୍କୁ ଦେଖୁଥିଲେ ରାଜ୍ୟରୁ ସମ୍ପନ୍ନ ଅନ୍ନ ବୃଦ୍ଧି ହୁଏ

ଅସ୍ତମଗଛି ସରେଃବେ ଗୁରୁଣଚିନୋଃ କୁମ୍ଭସିଂହ
ସଂସ୍ଥିତୟୋଃ ସିଂହସଃ ସଂସ୍ଥୟୋର୍ବାନରୀତି
ଗ୍ରିଷ୍ଟିସସ୍ୟସ୍ୟ । ୨ ।

ବୃଶ୍ଚିକ ରାଶିରେ ସୂର୍ଯ୍ୟ କୁମ୍ଭରେ ବୃହସ୍ପତି ସିଂହରେ ଚନ୍ଦ୍ର ନୋହିଲେ ବୃହସ୍ପତି ସିଂହରେ କୁମ୍ଭରେ ଚନ୍ଦ୍ର, ଏମନ୍ତ ଥିଲେ ରାଜ୍ୟରୁ ସମ୍ପନ୍ନ ଅନ୍ନ ବୃଦ୍ଧି ହୁଏ

ଅଳିସଂସ୍ଥିତେ ରବିଯେ ଭୂଯେଃ ଥବାପ୍ଗପଦେ
ବୃଷାସ୍ଥିତୟୋଃ ବୃଷଗତୟୋରପି ଚନ୍ଦ୍ରଶ୍ଚ

ଅଥବ ଶୁକ୍ରଦୃଶ୍ୟ । ୪ ।

ବୃଷ୍ଟିକି ପ୍ରଶ୍ନିରେ ସ୍ଥିତହେବା ସୂର୍ଯ୍ୟଙ୍କର ଦିଗନ୍ତରେ ଶୁକ୍ର ହେଉ ବୁଧ ହେଉଥିବେ ନୋହଲେ ଦୁଇଗ୍ରହ ଥିବେ ଏହି ପ୍ରକାରେ ଦାଦଶରେଥିବେ ସୂର୍ଯ୍ୟଙ୍କୁ ବୃହସ୍ପତି ଦେ-ଖୁଥିଲେ ବହୁତ ବର୍ଷାହୁଏ ।

ଶୁଭମଧ୍ୟେ(ଲିକସୂର୍ଯ୍ୟା ଶୁକ୍ରବୁଧଶନିନୋଃ ସପ୍ତମେ
ଜୀବସଂପଶ୍ୟା ଅଦ୍ୟାଦନ୍ତେସ୍ଵଦଶସୁରୌ ଦିଗନ୍ତେ(
ଜଳମିତି । ୫ ।

ବୃଷ୍ଟିକି ପ୍ରଶ୍ନିରେ ବୁଧ ଶୁକ୍ର ଏହି ଗ୍ରହଦ୍ଵୟ ଏକତ୍ର ଥିବ ବୃଷ୍ଟିକି ସୂର୍ଯ୍ୟଙ୍କର ସପ୍ତମରେ ବୃହସ୍ପତି ଓ ଚନ୍ଦ୍ର ଥିଲେ ସର୍ବ ଜଳବୃଷ୍ଟି ହୁଏ ବୃଷ୍ଟିର ପ୍ରାରମ୍ଭରେ ସୂର୍ଯ୍ୟ ଥିବେ ଦିଗନ୍ତରେ ବୃହସ୍ପତି ଥିଲେ ଅଳ୍ପବର୍ଷାହୁଏ

ଜଳହେତୁକାଳେ ପୂର୍ବେ ସୂର୍ଯ୍ୟାଦିଗଗାତ୍
ଘଟେନ ଶକ୍ତିପୂର୍ବେ ସପ୍ତମସ୍ଥାସଂପର୍କମପି
ଭବେ ଜଳଂ ବର୍ଷା

ବୃଷ୍ଟିକି ପ୍ରଶ୍ନିସ୍ଥ ସୂର୍ଯ୍ୟଙ୍କର ଏକାଦଶରେ ଶୁକ୍ର ଚନ୍ଦ୍ର ରେଚନ୍ଦ୍ର ଦ୍ଵିତୀୟରେ ବୁଧଥିଲେ ବହୁତ ବର୍ଷାହୁଏ ଏହି ଯୋଗରେ ବୃହସ୍ପତି ଦଶମରେ ଥିଲେ ସର୍ବ ବହୁତହୁଏ ଗୋମାନଙ୍କର ବଳି ଓ କ୍ଷୀରବୃଦ୍ଧି ହୁଏ ।

କୁମ୍ଭେଗୁରୁର୍ଗବି ଶଶୀ ସୂର୍ଯ୍ୟୋଽଳିମୃଗେ କୁଜାର୍କି
ଯୌମନଙ୍କରେ ଶଙ୍କରୀ ଗଣ୍ଡି ମହିଷପଣ୍ଡାପୂରଚନ୍ଦ୍ର
ବ୍ରୋଗଭାଙ୍ଗ । ୭ ।

ସୂର୍ଯ୍ୟ କୁଣ୍ଡଳୀର ପ୍ରଥମ ଭାଗରେ ଥିବେ କୁମ୍ଭରେ ବୃହସ୍ପତି ବୃଷରେ ଚନ୍ଦ୍ର, ମଙ୍ଗଳ ଶନୈଶ୍ଚର ମକରରେ ଥିଲେ ବାଳକ ସ୍ୱଯଂଭୁବ ପଣ୍ଡିତଙ୍କ ଓ ଭୋଗଭାଗ୍ୟବାନ ହୁଏ ।

ମଧ୍ୟେପାପଗ୍ରହୟୋଃ ସୂର୍ଯ୍ୟଃ ପୁର୍ଯ୍ୟୋଦୟନାଶନ୍ତଥାଙ୍ଗଗଃ
ପାପଃ ସପ୍ତମଗଃ ଶୌ ଘାତଂଘାତ୍ରୀ ବିନାଶକୃତ । ୮ ।

କୁଣ୍ଡଳୀର ରାଶିସ୍ଥ ସୂର୍ଯ୍ୟ ମଙ୍ଗଳ ଶନୈଶ୍ଚର ମଧ୍ୟରେ ରହିଲେ ସମ୍ପୁର୍ଣ୍ଣ କାଳରେ ଏବଂ ସୂର୍ଯ୍ୟଙ୍କ ସପ୍ତମରେ ମଙ୍ଗଳ ବା ଶନୈଶ୍ଚର ରହିଲେ ଜାତକ ବ୍ୟାଧିମାନଙ୍କ ଭୋଗିବ ।

ଅଥ ସ୍ଥାନେନ୍ଦ୍ରିୟଃ ଯୋଗେ ଯତ ଜାତୋ ଭବ ପ୍ରଥମ
ଜାତଂ ସପ୍ତଂ ଗହମ୍ ପଶ୍ଚାଦ୍ୱୃଷ୍ଟଂ ନଷ୍ଟାଦଗ୍ନେ ଭିକ୍ଷୁ । ୮ ।

କୁଣ୍ଡଳୀରସ୍ଥ ସୂର୍ଯ୍ୟଙ୍କର ଦକ୍ଷିଣରେ କ୍ରୂର ଗ୍ରହ ଥିବା ବେଳେ ଶୁଭଗ୍ରହ ଦୃଷ୍ଟି ନଥିବ ଏପରି ସ୍ଥଳରେ ପ୍ରଥମରେ ଜଣାଇବ ସପ୍ତ ନଷ୍ଟହୁଏ ଦୃଷ୍ଟିପଡ଼ିଲେ ସ୍ତ୍ରୀ

ଜାମିତ୍ର ବ୍ରହ୍ମ ସଂଜ୍ଞୋ ଚନ୍ଦ୍ରୌ ସୂର୍ଯ୍ୟ

।

ବୃଷ୍ଟିବିଘ୍ନଦଂ । ଶସ୍ୟାବପତିଂ କୁରୁତଃ ସୌମ୍ୟେ
ଦୃଷ୍ଟୌ ନସଂଶୟ । ୧୦ ।

ବୃଷ୍ଟିବିଘ୍ନ ସୂର୍ଯ୍ୟଙ୍କର ସପ୍ତମରେ ମଙ୍ଗଳ ଚତୁର୍ଥରେ, ରହିଥିଲେ ଶସ୍ୟଜନ୍ମ ହୁଏ ଏବଂ କ୍ରୂରଗ୍ରହଙ୍କଉପରେ ଶୁଭ, ଗ୍ରହଙ୍କ ଦୃଷ୍ଟି ପଡିଲେ ସମସ୍ତ ଦେଶର ଶସ୍ୟ ନଷ୍ଟ ହବେନାହିଁ ।

ବୃଷ୍ଟି ଭଂସ୍ଥାଦର୍କାତ୍ସପ୍ତମସ୍ଥୋ ଯଦୌ ସଦା ଙ୍କୁରୌ
ଭବତଉଦାଗମ୍ଭବୃଷ୍ଟିଃ ଶସ୍ୟାନାମର୍ଘ ସମ୍ଭବାଦଃ । ୧୧ ।

ବୃଷ୍ଟିକିଷ୍ଟ ସୂର୍ଯ୍ୟଙ୍କର ସପ୍ତମ ଷଷ୍ଠସ୍ଥାନରେ ଶନିମଙ୍ଗଳ ଥିଲେ ଶସ୍ୟନଷ୍ଟ, ମହର୍ଘ ହୁଏ ।

ଅଷ୍ଟୋନାନେବେଚ ଉଦବ୍ ସପ୍ତଦେଯେ ଶନେଶ
ମୂଲ୍ୟାନଂ । ଦକ୍ଷୋସ୍ତଃ ଶସ୍ୟାନାଂ ନାଶାତ୍ ଜିଦାୟ
ବାତଭର୍କୈଃ । ୧୨ ।

ରବି ବୃଷରାଶିରେ ପ୍ରବେଶ ହେଲେ ଏହି ପ୍ରକାରେ ସବଳ ଭୁକୁର ଅର୍ଘ୍ୟହେବାର ବା ନହେବାର ଶସ୍ୟଜାତ ଜାଣିବାଲେକ ଏଥିରୁ ଜାଣିବ

ଭାନୁର୍ମେଷାଦ୍ ବୃଷଂ ଯାତଃ ସୌମ୍ୟଯୁକ୍ତୋବଲୀ ଯଦି
ପ୍ରିୟାବତରଳ । ପ୍ରେକ୍ଷିତଧାନ୍ୟଂ କୁରୁତେ ସମର୍ଘ
ମୁଭପ୍ତୋ ପ୍ରଯୋଗ୍ୟଂଚ । ୧୩ ।

ମେଷଅଦ୍ ଭଳରାଶିରେ ସଂକ୍ରାନ୍ତି କରିବା ସୂର୍ଯ୍ୟଙ୍କ

ଗ୍ରୀଷ୍ମ ଋତୁରେ ସୂର୍ଯ୍ୟ ଦୃଷ୍ଟହେଲେ ଛାଏଁ, ଲୁଲୁରୁ ଅବ ସ୍ଥାନ୍ତୁଏ, ଲୋକେ ଅନ୍ନଦାନ କରନ୍ତି ।

କାର୍ମୁକ ମୃଗଧଃସଂସ୍ଥଃ ଶାରଦଶସ୍ୟସ୍ୟଚେତ୍
ଦେବରବଃ । ସଂଗ୍ରହକାଲେ ଜ୍ୟୋତ୍ୟୋଦୟସ୍ତୁଃ କ୍ରୂର
ଦୃଷ୍ଟ୍ୟୋଗାତ୍ । ୧୪ ।

ଧନୁ ମକର କୁମ୍ଭରାଶିରୁ ରବିସଂଗ୍ରହ ହେଲେ ଜଳ ରକ୍ଷିତ ଶୀତ ପ୍ରକାରେ ଶରତକୁରୁ ଅନ୍ନକୁ ସଂଗ୍ରହ କରତ ଅନ୍ନସଂଗ୍ରହ କାଳରେ କ୍ରୂର ଗ୍ରହରଯୋଗ ଦୃଷ୍ଟିପଡ଼ିଲେ ଫଳ ଜାଣିବ ।

ଇତି ଶ୍ରୀ ବସନ୍ତ ମିଶ୍ରକୃତୌ ବୃହତ୍ସଂହିତାସୁ ଅଷ୍ଟମ୍ୟ
କାଣ୍ଡ ସମାପ୍ତ

ଦ୍ରବ୍ୟନିଶ୍ଚୟ

ଯେଯେଷାଂ ଦ୍ରବ୍ୟାଣାଂ ଯତ୍ପଦଂ ଯୋ ସଂଶୟଃ
ସମୁଦ୍ଦିଷ୍ଟାଃ । ମୁନିଭିଃ ଶୁଭ୍ରଶୁଭାର୍ଥଂ ତାନାହମତଃ
ପ୍ରବକ୍ଷ୍ୟାମି । ୧ ।

ମୁନି ମାନଙ୍କରେ କଥିତ ଯେଉଁ ଯେଉଁ ଦ୍ରବ୍ୟ ପଦ୍ମତ ତାହାର ଶୁଭ ଅଶୁଭ କହୁଅଛୁ ।

ବସ୍ତ୍ରାଦିକରୁ ବୃପାଣାଂ ମନ୍ତ୍ର ଗୋଧୂମଶ୍ଚତ
ଯବାନାଂ ସ୍ଥଳ ଶଂକରୌଷଧୀନାଂ କନକ
ସଂଚୟରୋ ଗୋମେଷଃ । ୨ ।

ବସ୍ତ୍ରକମ୍ବଳ, ମସୂର, ଗୋଧୂମ, ସ୍ୱର୍ଣ୍ଣ, ଯବ, ଓଷଧି ମାନଙ୍କର ସୁବର୍ଣ୍ଣର ସ୍ୱାମୀ ମେଷ—

ଶଶବସ୍ତ୍ର କୁସୁମ ଗୋଧୂମ ଶାଳି ଯବମହିଷ
ସୁରଭି ରଜତସ୍ୟାଃ ସ୍ମୃତଃ । ମିଥୁନେପିଧାନ୍ୟଶାରଦ
ବଲ୍ଲୀ ଶାଲୂକ କର୍ପାସ୍ୟାଃ । ୩ ।

ବସ୍ତ୍ର, ପୁଷ୍ପ, ଗହମ, ଧାନ, ଯବଧାନ, ମହିଷ, ବଳଦ ଏମାନଙ୍କର ସ୍ୱାମୀ ବୃଷରାଶି ଶରତରୁ ଯେମନ୍ତ ଧାନ ବନଲ ଲୁମୁଦ୍ଆଦ ଲତା, କପା ଏମାନଙ୍କର ସ୍ୱାମୀ ମିଥୁନ ।

କର୍କଶେ କୋଦ୍ରବ କଦଳୀ ଦୁର୍ବା ଫଳ କନ୍ଦ
ପତ୍ର ଚୋଚକମ୍ । ସିଂହେ ତୁଷଧାନ୍ୟରସାଃ ସିଂହାଦ୍ୟା—
ନଂ ତ୍ୱଚଃ ସଗୁଡାଃ । ୪ ।

କୋଦ, କଦଳୀ, ଦୁବ, ଫଳ, କନ୍ଦ, ତେଜପତ୍ର ଗୁଡ଼-ଭୁକ ଏମାନଙ୍କର ସ୍ୱାମୀ କର୍କଟ ତୁଷ ଧାନ ସବଧାନ ମଧ୍ୟ ଲବଣଆଦ ରସ ସିଂହଆଦ ଜୀବମାନଙ୍କର ଛାଲ ଗୁଡ଼ ଏମାନଙ୍କର ସ୍ୱାମୀ ସିଂହ –

ଷଷ୍ଠେ ଽତସୀ କଲାୟାଃ କୁଲତ୍ଥ ଗୋଧୂମ ମୁଦ୍ଗ
ନିଷ୍ପାବାଃ । ସପ୍ତମସ୍ତୈଲୌ ମାଷା ଗୋଧୂମାଃ ସର୍ଷପାଃ
ସଯବାଃ । ୫ ।

କୁଲଥ ଗହମ ମୁଗ ଶାଗି ବର ସୁଙ୍ଗ ଯବ

ଏମାନଙ୍କର ସ୍ୱାମୀ କୁଳଗିରି

ଅଷ୍ଟମଗ୍ରଣୀ ବିନ୍ଧ୍ୟରେ ବଂଶ୍ୟ ଲୋହାନ୍ୟ ତାମ୍ରକଂ
ମୁପି । ନଦନେଷୁ ସୁରଗଲବଣା ମୃଗସ୍ତ ଦଳ
ଧାନ୍ୟ ମୁଳାନି । ୬ ।

ଅଗ୍ନ୍ୟାଦ ଜଳ ସେଚନ ଦ୍ୱାରା ହେବାର ଶସ୍ୟ ଲୋହ ଚ୍ଛେଲ ମେଣ୍ଢା ଗ୍ରାମରେ ଜନ୍ମାର ହେବାର ବସ୍ତୁ ଏମାନଙ୍କର ସ୍ୱାମୀ ବିନ୍ଧ୍ୟଗିରି ଟେକ୍ରା, ଲବଣ ବସ୍ତୁ ଗ୍ରଣି ଷସ୍ତ ଧାନ ମୂଳ ଏମାନଙ୍କର ସ୍ୱାମୀ ଧନୁଗିରି

ମକରେ ଜଳୁସୁକ୍ତାଦ୍ୟଂ ବୈତ୍ୟେଷୁ ସୁବର୍ଣ୍ଣ
ଙ୍କୁ ଲୋହାନି । କୁମ୍ଭେ ସଲିଳଜଫଳ, କୁସୁମ
ରତ୍ନ ତନ୍ଧାନି ରୂପାଣି । ୭ ।

ବୃକ୍ଷ ସୁକ୍ତାଦ ସେଚନ ଦ୍ୱାରା ହେବାର ବୃକ୍ଷ ମାନଙ୍କର ଫଳ ସୁବର୍ଣ୍ଣ ବଳା ଲୌହ ଏମାନଙ୍କ ସ୍ୱାମୀ ମକର ଜଳରୁ ଜାତହେବା ପଦାର୍ଥ ଫଳ ଫୁଲ ରତ୍ନ ଛନ୍ଦ ରୂପଯୁକ୍ତ ପଦାର୍ଥ ଏମାନଙ୍କର ସ୍ୱାମୀ କୁମ୍ଭଗିରି ।

ମୀନେକପାଳ ସମ୍ଭବ ରତ୍ନାନ୍ୟମ୍ବୁ ଭବାନି
ବଜ୍ରାଣି । ସ୍ନେହାଣ୍ଡନେକ ରୂପାବ୍ୟାଣ୍ଡା ଗାମସ୍ୟ
ଜାଜଂତ । ୮ ।

କପାଳରୁ ଜାତହେବାର ମୁକ୍ତା ରତ୍ନ ଜଳରୁ ଜାତହେବା ପଦାର୍ଥ ହୀରା ଅନେକ ପ୍ରକାର ସ୍ନେହ ଘିଅ, ମାଲପା ମତ୍ସ୍ୟରୁ ଜାତ ହେବାର ମୁକ୍ତା ଏମାନଙ୍କର ସ୍ୱାମୀ

ମୀନ ସ୍ୱାମି

ଚତୁଷ୍ଟଦଶଦ୍ୱିଧାର୍ଥସ୍ମ ସପ୍ତନବପଞ୍ଚମସ୍ଥି —
ଜୀବାର୍କଃ । ଏକାଦଶ ଦଶପଞ୍ଚାରନ୍ଧ୍ରମେଷୁ ଧନ୍ତି
ଭବନ୍ତି ବୃଦ୍ଧିକାଃ । ୯ ।
ଷଟ୍‌ସପ୍ତମ ଗୋହାଙ୍କ ବୃଦ୍ଧିଂ ଶୁଦ୍ଧା ଜନ୍ମେଶ
ଲେଖେଷୁ । ଉପଚତୁଃସ୍ଥାନ୍ତି ଗ୍ରହଃ ଶୁଭଦନ୍ତି ସେଷେ
ଷୃହାର୍ଣବସ୍ତଃ । ୧୦ ।

ଯେଉଁ ଗ୍ରହର ଚତୁର୍ଥ ଦଶମ ଦ୍ୱିତୀୟ, ସପ୍ତମ, ନବମ, ପଞ୍ଚମ, ଏହି ସ୍ଥାନ ମାନଙ୍କରେ ବୃହସ୍ପତି ଥିବେ ସେହି ଗ୍ରହମାନଙ୍କର ଦ୍ରବ୍ୟ ବୃଦ୍ଧି ହୁଏ ଗ୍ରହଙ୍କ ଦ୍ୱିତୀୟ ଏକାଦଶ ଦଶ ପଞ୍ଚମ ଅଷ୍ଟମ ଏହିସ୍ଥାନ ମାନଙ୍କରେ ଶୁକ୍ର ଥିଲେ ସେହି ଗ୍ରହମାନଙ୍କର ଦ୍ରବ୍ୟ ବୃଦ୍ଧି ହୁଏ ଗ୍ରହର ଷଷ୍ଠ ସପ୍ତମ ଏହି ସ୍ଥାନରେ ଶୁକ୍ର ଥିଲେ ସେହି ଗ୍ରହର ଦ୍ରବ୍ୟ ନଷ୍ଟ ହୁଏ, ସେହିସ୍ଥାନ ମାନଙ୍କରେ ବୃଦ୍ଧି ହୁଏ ଜନ୍ମଗ୍ରହ ଗ୍ରହର ତୃତୀୟ ଷଷ୍ଠ ଦଶମ ଏକାଦଶ ଏଥିରେ ଥିଲେ ସେହି ଗ୍ରହମାନଙ୍କର ଦ୍ରବ୍ୟ ବୃଦ୍ଧି ହୁଏ ଏହିସ୍ଥାନ ବିନା ଅନ୍ୟ ସ୍ଥାନରେ ଥିଲେ ସେହିଗ୍ରହ ମାନଙ୍କର ଦ୍ରବ୍ୟ ହାନିହୁଏ ।

ଗ୍ରହେଷୁ ସ୍ୱନ୍ଦ୍ରିୟଃ ପୀଡାସ୍ଥାନେଷୁ ବର୍ଦ୍ଧିତା
ଚନ୍ଦ୍ରଃ । ତତ୍ପୋକ୍ତ ଦ୍ରବ୍ୟାଣି ମହାର୍ଘତାମ୍
ନିର୍ଗଚ୍ଛତ । ୧୧ ।

ଉପଚୟସ୍ଥିତ ଗ୍ରହମାନଙ୍କରେ ଶୁଭଗ୍ରହବଳ ବାହୁଲ୍ୟ ହୋଇ ଥାଏ ଯଦି ତେବେ ସେହି ଗ୍ରହମାନଙ୍କର ଦ୍ରବ୍ୟ ମହର୍ଘ ହୁଏ ।

ଉପଚୟସ୍ଥାନେ ସୌମ୍ୟବଲ ନୋଦ୍ୟେଷାଂ ଭବନ୍ତି
ଗ୍ରହାଣାଂ । ତଦ୍ଦ୍ରବ୍ୟାଣାଂ ବୃଦ୍ଧି ସାମର୍ଘ୍ୟଂ ବହୁ—
ଧଂତ । ୧୨ ।

ଯେଉଁ ଗ୍ରହ ମାନଙ୍କର ନୀଚସ୍ଥାନରେ ବଳବାନ ହୋଇ ଶୁଭଗ୍ରହ ଥାଏ ତେବେ ସେହି ଗ୍ରହର ଦ୍ରବ୍ୟ ମହର୍ଘ ହୁଏ ନ ସସ୍ତା ହୁଏ

ଗୋଚରପୀଡା ଯମପିଗ୍ରହ ବଲଭାସ୍ଵରଗ୍ରହୈଃ
ଦୃଷ୍ଟଃ ପୀଡ଼ାନ୍ୱିତସ୍ତେନ ତଥାର୍ଘବୃଦ୍ଧି ର୍ଭବେ
ଦପର୍ଯ୍ୟାସଃ । ୧୩ ।

ଯେଉଁ ଗ୍ରହରେ ଗ୍ରହବଳବାନ ହୋଇଥାଇ ଶୁଭଗ୍ରହ ତେବେ ସେହିଗ୍ରହ ଦ୍ରବ୍ୟ ବୃଦ୍ଧି ହୁଏ ଗ୍ରହର ଗୋଚର ପୀଡା-ହେବା ବଳବାନ ଶୁଭଗ୍ରହ ସେହି ଗ୍ରହକୁ ଦେଖୁଥିଲେ ସେହି ଗ୍ରହର ଦ୍ରବ୍ୟହାନି ହୁଏ

ଇତିଶ୍ରୀ ବରାହମିହିର କୃତୌ ବୃହତ୍ସଂହିତାୟାଂ
ଅର୍ଘକାଣ୍ଡମ୍ ସମାପ୍ତଃ

ସମାପ୍ତଃ ।